## ୧୦ ଫୁଟର ଅହିରାଜ ଉଦ୍ଧାର

ପାତ୍ରପୁର,(ଉମା ଚରଣ ନେପାକ): ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ଅନ୍ତର୍ଗତ ତିନିଘରିଆ ଗ୍ରାମରୁ ଶୁକ୍ରବାର ୧୦ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର ହୋଇଛି । ଗ୍ରାମର ଜାଗିଲି ପାତ୍ରଙ୍କ ଘରେ ଏହି ସାପ ପଶିଥିବା ଦେଖି ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କୁ ଖବର ଦିଆଯାଇଥିଲା । ସ୍ନେକ ହେଲ୍ପଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ଓ ଜଗନ୍ନାଥ ସାହୁ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ । ପରେ ତାହାକୁ ଜଙ୍ଗଲରେ ଛଡ଼ାଯାଇଛି ।

# ଲୋକଙ୍କୁ ନାହିଁ, ଫାଇଦାରେ ଅଦୃଶ୍ୟ ଶକ୍ତି

### ବିଏମ୍‌ସିର ୱାଇଫାଇ ବ୍ୟବସ୍ଥା

ବ୍ରହ୍ମପୁର, ୩।୪(ଅଶୋକ କୁମାର ସାହୁ)

ବିଏମସିର ବିକାଶ ମଙ୍ଗ କହିଲେ ମେୟର, କମିଶନର, କର୍ପୋରେଟର ବୋଲି ଯେ କେହି କହିବେ। ଏଥିପାଇଁ ୧୦ଟି ଷ୍ଟାଣ୍ଡିଂ କମିଟି ବି କରାଯାଇଛି। ସେହି କମିଟିର ଅଧ୍ୟକ୍ଷ ଭାବେ ଜଣେ ଜଣେ କର୍ପୋରେଟରଙ୍କୁ ଦାୟିତ୍ୱ ଦିଆଯାଇଛି। ବିକାଶ ପାଇଁ କେବଳ ବୈଠକ ପରେ ବୈଠକ ବସୁଥିବାବେଳେ କୌଣସି ପ୍ରକାର ଆଖିଦୃଶିଆ କାମ ହେଉନି। ସହରକୁ ୱାଇଫାଇ କରିବା ପାଇଁ ବିଏମସି ଯତ୍ନବାନ ଥିବାବେଳେ ତାହା ବି ହୋଇଛି। କିନ୍ତୁ ସହରର କେବଳ କିଛି ଅଂଶରେ ୱାଇଫାଇ ବ୍ୟବସ୍ଥା ଥିବାବେଳେ କାର୍ଯ୍ୟାଳୟ ବି ଏଥିରେ ଯୋଡି ହୋଇଛି। କିନ୍ତୁ ଏହାର ସୁଫଳ ଲୋକଙ୍କୁ ମିଳୁନି। ଗତ ସାଧାରଣ ବୈଠକରେ କର୍ପୋରେଟର ଟି.ତ୍ରିପତି ପାତ୍ର ଏନେଇ ପ୍ରଶ୍ନ ଉତ୍‌ଥାପନ କରିଥିଲେ। ତାଙ୍କର ପ୍ରଶ୍ନ ଥିଲା ଯେ, ଦୀର୍ଘଦିନ ଧରି ସହରରେ ୱାଇଫାଇ ବ୍ୟବସ୍ଥା ହୋଇଛି। ଲୋକେ ଏହି ବ୍ୟବସ୍ଥା ବିଷୟରେ ଜାଣିପାରୁନାହାନ୍ତି। ଏହାର କୋଡ ନମ୍ବର ଲୋକେ ଜାଣିପାରୁନାହାନ୍ତି। କିନ୍ତୁ ବିଏମସିର ଅଧିକ ରାଜସ୍ୱ ଏଥିରେ ଖର୍ଚ୍ଚ ହେଉଛି। ତେଣୁ ନୂଆ ଟେଣ୍ଡର କରାଯାଉ ବୋଲି ସେ ଦାବି କରିଥିଲେ। ଏହାର ସମାଧାନ କରାଯିବ ବୋଲି କୁହାଯାଇଥିବା ସେ କହିଛନ୍ତି। ଏହାର ଯଦି ଫାଇଦା ଲୋକଙ୍କୁ ମିଳୁନି ତେବେ କେଉଁ ଅଦୃଶ୍ୟ ଶକ୍ତି ଏହାର ଫାଇଦା ନେଉଛି ତାହା ବି କୌଣସି କର୍ପୋରେଟରଙ୍କୁ ଅଛପା ନଥିବ ଏହା ନିଃସନ୍ଦେହରେ କୁହାଯାଇପାରେ। ବିଏମସିର ଏହି ବ୍ୟବସ୍ଥାକୁ ଯିଏ ପରିଚାଳନା କରୁଛନ୍ତି ତାଙ୍କୁ ଜାଣିବା ପାଇଁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ ଉଠାଇନଥିଲେ। ଏ ନେଇ ଆଉ ଜଣେ କର୍ପୋରେଟର ତଥା ଯୋଜନା ଓ ବିକାଶକୁ ନେଇ ହୋଇଥିବା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ୱାଇଫାଇ ବ୍ୟବସ୍ଥା ୱାଫେ ଟେକ୍‌ନୋଲୋଜି ପ୍ରାଇଭେଟ ଲିମିଟେଡ୍‌କୁ ଦିଆଯାଇଛି। ଉକ୍ତ ସଂସ୍ଥାରୁ ସେ ଯାହା ସୂଚନା ପାଇଛନ୍ତି ବିଏମସି କାର୍ଯ୍ୟାଳୟରୁ ଖଲ୍ଲିକୋଟ କଲେଜ ପର୍ଯ୍ୟନ୍ତ ୱାଇଫାଇ ଲାଗିଛି। ଆଉ କେଉଁଠି ମିଳୁନଥିବା ସେ ଅନୁଭବ କରୁଥିବା ସ୍ପଷ୍ଟ କରିଛନ୍ତି। ଏହାର ଉତ୍ତରଦାୟୀ କମିଶନର ହୋଇଥିଲେ ବି ତାଙ୍କଠାରୁ କୌଣସି ଉତ୍ତର ମିଳୁନାହିଁ। ଏନେଇ କୋଟି କୋଟି ଟଙ୍କା ବିଏମସିର ବରବାଦ ହେଉଛି। ଲୋକେ ସୁଫଳ ପାଉନାହାନ୍ତି। ବିଏମସିର ଏକ ଅଦୃଶ୍ୟ ଶକ୍ତି କେବଳ ଫାଇଦାରେ ଅଛନ୍ତି। ସେହି ଅଦୃଶ୍ୟ ଶକ୍ତି ପାଖରେ ସମସ୍ତେ ଆସି ପହଞ୍ଚୁ ଥିଲେ ବି ଖୋଲତାଡ ହେଉନି। ଗତ ସାଧାରଣ ବୈଠକରେ ପୁଣି ନୂଆ ଟେଣ୍ଡର କରାଯାଉ ବୋଲି ଦାବି କରାଯାଇଥିଲା। ଏନେଇ ପ୍ରୋସେ ଚାଲିଥିବା କୁହାଯାଇଥିଲା। ଏବେ କ'ଣ ଟେଣ୍ଡର ହୋଇଥିବା କୁହାଯାଉଛି। ପ୍ଲାନିଂ ଆଣ୍ଡ ଡେପଲମେଣ୍ଟ କମିଟିକୁ ଏନେଇ କୌଣସି ତଥ୍ୟ ଜଣାଉନାହାନ୍ତି। ଗୋଟିଏ ହେଲେ ବି ମିଟିଂ ହୋଇନି। ଏତେଦିନ ଧରି ବାରମ୍ବାର ବିରୋଧ କରାଯାଉଥିଲେ ବି ତାହା ଉପରେ କୌଣସି ପଦକ୍ଷେପ ନିଆନଯିବା ବି ଆଶ୍ଚର୍ଯ୍ୟର କଥା ବୋଲି ସେ କହିଛନ୍ତି। ଉକ୍ତ ସଂସ୍ଥା ବିରୋଧରେ ଶନିବାର ଏସପିଙ୍କ ନିକଟରେ ଅଭିଯୋଗ କରିବାକୁ କହିଛନ୍ତି ସଚେତନ ନାଗରିକ ଉମା ଶଙ୍କର ସାହୁ। ବିଏମସି କମିଶନର ଏ.ଶସ୍ୟା ରେଡ୍ଡୀଙ୍କୁ ପଚାରିବାରୁ ସେ କହିଲେ ଯେ, ଟେଣ୍ଡର ହୋଇସାରିଛି। ଟେକ୍‌ନିକାଲ ଏଭାଲୁଏସନ ଚାଲିଛି। ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ।

## ସଂକ୍ଷେପରେ

### ଚୋରି ଘଟଣାରେ ଯୁବକ ଗିରଫ

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ଆଇନବନ୍ଧ ସାହିରେ ଘଟିଥିବା ଏକ ଚୋରି ଘଟଣାରେ ପୋଲିସ ଫାଷ୍ଟ ଗେଟ ଶ୍ରୀକ୍ଷେତ୍ର ବିହାର ଅଞ୍ଚଳର ଟି. ଗଣେଶ ରାଓ(୩୪)ଙ୍କୁ ଗିରଫ କରିଛି। ଆଇନବନ୍ଧ ସାହିର ତ୍ରିଲୋଚନ ପଣ୍ଡା ଜଣେ ରୋଷେୟା। ସେ ଗତ ମାସରେ ବାହାରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ୫୦ ହଜାର ଟଙ୍କା, ୨ଟି ଗ୍ୟାସ ସିଲିଣ୍ଡର ଏବଂ ୫୦ କେଜି ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ଏ ନେଇ ମାର୍ଚ୍ଚ ୨ ତାରିଖରେ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୩୯/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫ ଗଣେଶଙ୍କଠାରୁ ଚୋରି ପ୍ଲାଷ୍ଟିକ ଏୟାର କୁଲର ଓ ୧୦ କେଜି ଚାଉଳ ଜବତ କରାଯାଇଛି । ଚୋରିରେ ସମ୍ପୃକ୍ତ ତାଙ୍କ ୨ ସହଯୋଗୀଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ।

### ଯୁବତୀଙ୍କୁ ଯୌନ ନିର୍ଯାତନା: ଚପାଇଦେବାକୁ ଉଦ୍ୟମ କରି ବାପା ଗିରଫ

ବ୍ରହ୍ମପୁର,୩।୪ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଘଟଣାକୁ ଚପାଇଦେବାକୁ ଉଦ୍ୟମ ଅଭିଯୋଗରେ ପୋଲିସ ପିଡ଼ିତାଙ୍କ ବାପାଙ୍କୁ ଗିରଫ କରିଛି। ସେ ହେଲେ ଦୀପକ କୁମାର ସାହୁ(୪୮)। ପୋଲିସ ପିଡ଼ିତାଙ୍କ ଜନ୍ମ ପ୍ରମାଣ ପତ୍ର, ମୋବାଇଲ ଫୋନ ଜବତ କରିଛି। ମାମଲା ନଂ ୧୧୪/୨୬ରେ ଦୀପକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ପୋଲିସ ଗତ ୨୮ ତାରିଖରେ ସୋନପୁର ଜିଲାର ପ୍ରେମାନନ୍ଦ ଜାତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଟାଉନ ଥାନା ଅଞ୍ଚଳର ୧୮ ବର୍ଷୀୟ ଯୁବତୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ତାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଓ ସେକ୍ସ ରାକେଟରେ ନିୟୋଜିତ କରାଯାଉଥିବା ଅଭିଯୋଗ କରିଥିଲେ । ପରିବାର ଲୋକଙ୍କ ସହ ପୂର୍ବରୁପରିଚିତ ଥିବା ଅଭିଯୁକ୍ତ ପ୍ରେମାନନ୍ଦ ତାଙ୍କ ସହ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ ବୋଲି ଅଭିଯୋଗ କରଥିଲେ। ନିଜ ପରିବାର ଲୋକଙ୍କ ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ ଆଣିଥିଲେ । ଟାଉନ ଥାନାରେ ପୀଡ଼ିତାଙ୍କ ଅଭିଯୋଗ ପ୍ରକାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପିଡିତାଙ୍କୁ ଡାକ୍ତରୀମାଇନା କରାଇ ସରକାରୀ ଆଶ୍ରୟ କେନ୍ଦ୍ରରେ ରଖାଯାଇଥିଲା। ତେବେ ସେଠାରୁ ପିଡିତା ଜଣଙ୍କ ଏକ ଭିଡିଓ କରି ଅଭିଯୁକ୍ତ ଏବଂ ତାଙ୍କ ପରିବାର ଲୋକଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ।

### କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଶୋକସଭା

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଆ କଥା ସାହିତ୍ୟର ସ୍ରଷ୍ଟା ସଦାନନ୍ଦ ତ୍ରିପାଠୀଙ୍କ ତିରୋଧାନରେ କଳିଙ୍ଗ ସାହିତ୍ୟ ସମାଜ ଶୋକ ପ୍ରକାଶ କରିଛି। ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ଏକ ଶୋକପ୍ରସ୍ତାବ ଗୃହୀତ ହୋଇଛି। ପ୍ରାରମ୍ଭରେ ସାହିତ୍ୟ ସମାଜ କାର୍ଯ୍ୟକାରୀ ସମିତିର ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା ଏହି ଶୋକପ୍ରସ୍ତାବ ଆଗତ କରିଥିଲେ । ବିଶିଷ୍ଟ ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ଡ. ରମେଶ ଚନ୍ଦ୍ର ପ୍ରଧାନ, କବି ମନୋରଞ୍ଜନ ପାଣିଗ୍ରାହୀ, ଅନୁପ କୁମାର ମିଶ୍ର, ଡ. ହୃଷୀକେଶ ପଣ୍ଡା, ଡ. ସଞ୍ଜୟ କୁମାର ପଣ୍ଡା, ଡ. ଅଶୋକ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ନଳିନୀକାନ୍ତ ଗୌଡ଼, ଦିନବନ୍ଧୁ ଶ୍ରୀପଲ୍ଲବ, ଅଧ୍ୟାପକ କୁରେସୁ ମହାରଣା ଓ କାଳୀପ୍ରସାଦ ନାୟକ ପ୍ରମୁଖ ଶୋକସଭାରେ ଉପସ୍ଥିତ ହୋଇ ସ୍ୱର୍ଗତ ତ୍ରିପାଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ସୁନା ଅଳଙ୍କାର, ଗ୍ୟାସ ହାଣ୍ଡି, ଟଙ୍କା ନେଇଗଲେ

ଗୋପାଳପୁର,୩।୪(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ଡିଫେନ୍ସ କଲୋନୀସ୍ଥିତ ଏକ ତାଲା ବନ୍ଦ ଘରୁ ସୁନା ଅଳଙ୍କାର, ଗ୍ୟାସ ହାଣ୍ଡି, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀକୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଡିଫେନ୍ସ କଲୋନୀରେ ରହୁଥିବା ସି.ଏଚ କମଳା ୨ଦିନ ହେଲା ବାହାରକୁ ଯାଇଥିଲେ। ଶୁକ୍ରବାର ଘରକୁ ଫେରିବାରେ ମୁଖ୍ୟ ଫାଟକର ତାଲା ଭାଙ୍ଗା ଯାଇଥିବା ଦେଖିଥିଲେ। ଆଲମାରୀରୁ ୨ ତୁଳାର ସୁନା ହାର, ୧୦ ହଜାର ଟଙ୍କା, ଘରୁ ୨ଟି ଗ୍ୟାସ ଟାଙ୍କି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

## ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଖଲ୍ଲିକୋଟ ଏକକ ୟୁନିଭର୍ସିଟିର ସଫଳତା




ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୩।୪ (ସୁବାସ ଚନ୍ଦ୍ର ପାଢ଼ୀ)

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଗତ ୨୮ ରୁ ୩୧ ପର୍ଯ୍ୟନ୍ତ ଚାଲିଥିବା ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତାରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ଡ. ବିଭୁ ପ୍ରସାଦ ସାହୁ, ସୁଶ୍ରୀ ଭି. ସ୍ନେହା ଓ ସୁଚରିତା ମହାରଣାଙ୍କ ନେତୃତ୍ୱରେ ମୋଟ ୩୭ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେବା ପାଇଁ ଯାତ୍ରା କରିଥିଲେ । ଓଡ଼ିଆ କବିତାରେ ଏବଂ ଯନ୍ତ୍ର ସଂଗୀତ (ବଂଶୀ) ବାଦନରେ ଓଡ଼ିଆ ବିଭାଗ ଛାତ୍ର ସୁମନ ଦାଶ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଓଡ଼ିଆ ବିଭାଗର ଦୀପକ ରାଗସ ଫୋଟୋଗ୍ରାଫିରେ ଦ୍ୱିତୀୟ ସ୍ଥାନ ଏବଂ କ୍ଷୁଦ୍ର ଚଳଚିତ୍ର ପ୍ରତିଯୋଗିତାରେ ଇଂରାଜୀ ବିଭାଗ ଛାତ୍ରୀ ସ୍ମୃତି ସ୍ୱରୂପା, ସ୍ନେହା, ଚନ୍ଦନା,ସାଇ ଶ୍ରେୟା ପ୍ରମୁଖ ତୃତୀୟ ସ୍ଥାନ ହାସଲ କରି ମୋଟ ୪ଟି ପୁରସ୍କାର ପ୍ରାପ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ , କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରଣୀ ରଥ ପ୍ରମୁଖ ପ୍ରଶଂସା କରିଛନ୍ତି।

## ଗଞ୍ଜାମ ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ



ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

ବ୍ରହ୍ମପୁର,୩।୪ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଓକିଲ ସଂଘର ୨୦୨୬-୨୭ ବର୍ଷ ନିର୍ବାଚନ ଗତ ମାର୍ଚ୍ଚ ୨୮ତାରିଖରେ ସମାପ୍ତ ହୋଇଥିଲା । ସଭାପତି ଭାବେ ଆଇନଜୀବୀ ଶିତାଂଶୁ ଶେଖର ପଣ୍ଡା, ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର, ଉପ ସଭାପତି ଭାବେ ସତ୍ୟନାରାୟଣ ବସନ୍ତିଆ, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜନ କୁମାର ସାମନ୍ତରାୟ ନିର୍ବାଚିତ ହୋଇଥିଲେ। ଶୁକ୍ରବାର ଓକିଲ ସଂଘ ଅସ୍ଥାୟୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଶପଥ ପାଠ ଅବସରରେ ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ନୟନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ସେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ପୂର୍ବତନ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଭାବେ ଟି. ଭେଙ୍କଟ ରାଓ, ଉପସଭାପତି ଭାବେ ତ୍ରିମୁଲ କୁମାର ରେଡ୍ଡୀ ଏବଂ ଯୁଗ୍ମ ସମ୍ପାଦକ ଭାବେ ଅସିତ ସାବତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିଶିର ପାଢ଼ୀ, ଏସ.ରାମକୁମାର, ନିର୍ମଳ ସାହୁ, ଅକ୍ଷୟ ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ମୋହନ ସିଙ୍ଗାରି, ରଘୁନାଥ ପ୍ରସାଦ ପାଣିଗ୍ରାହୀ,ସଞ୍ଜୟ ମିଶ୍ର, ଉମାଶଙ୍କର ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ , ସୁରେନ୍ଦ୍ର ବେହେରା, ପୱନ କୁମାର, ଅନିଲ କୁମାର ପଣ୍ଡା, ସୁନୀଲ ସ୍ୱାଇଁ, ବରୁଣ ଗୌଡ଼ , ଅରୁଣ ବିଶ୍ୱାଳ, ରମା ପ୍ରସନ୍ନ ମହାପାତ୍ର ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ । ଶପଥ ପାଠ ପରେ ଓକିଲ ସଂଘର ନବ ନିର୍ବାଚିତ ପ୍ରତିନିଧି ମାନେ ଜିଲା କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତକୁ ଯାଇ ଜଜମାନଙ୍କୁ ସାକ୍ଷାତ କରିଥିଲେ।

## ପୋଖରୀରେ ବୁଡ଼ି ଯାଉଥିବା ୩ ମହିଳା ଉଦ୍ଧାର

ଦିଗପହଣ୍ଡି,୩।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମ ନିକଟସ୍ଥ ଏକ ପୋଖରୀରେ ଶୁକ୍ରବାର ୩ ମହିଳା ବୁଡି ଯାଉଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି। ତେବେ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। କୁଶପଡା ଗ୍ରାମର କମଳା ଦୋରା (୬୫) ଶୁକ୍ରବାର ସକାଳେ ନାତୁଣୀ ଶୁଭଶ୍ରୀ ଦୋରା (୯)ଙ୍କୁ ସାଙ୍ଗରେ ଧରି ଗାଁ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ନାତୁଣୀଙ୍କୁ ପୋଖରୀ ହିଡରେ ବସାଇ ସେ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ପୋଖରୀରେ ଗାଧୋଉଥିବା କସ୍ତୁରୀ ଗଭୀର ପାଣି ମଧ୍ୟକୁ ଚାଲିଯାଇଥିବା କମଳା ଦେଖିବାକୁ ପାଇ କମଳା ପାଟିକରି ତାଙ୍କୁ ଉଦ୍ଧାର ପାଇଁ ପୋଖରୀ ଭିତରକୁ ଲମ୍ଫ ମାରିଥିଲେ। ତେବେ ଉଭୟେ ଗଭୀର ପାଣିରେ ବୁଡିଯାଉଥିବା ବେଳେ ନିକଟରେ ଗାଧୋଉଥିବା ଗ୍ରାମର ଶିବାନୀ ଦୋରା ଦେଖି ସେ ନିଜ ଜୀବନକୁ ବାଜି ଲଗାଇ ଉଭୟଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରୁଥିବା ବେଳେ ସେ ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ପୋଖରୀର ଅନ୍ୟ ତୁଠରେ ଗାଧୋଉଥିବା କେତେ ଜଣ ବ୍ୟକ୍ତି ସେଠାକୁ ଦୌଡ଼ି ଆସି ୩ ଜଣଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଅସୁସ୍ଥ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କମଳାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଯୋଗ ଶିବିରରେ ସରିଲା ପ୍ରଶିକ୍ଷଣ ମହାଅଭିଯାନ




ବ୍ରହ୍ମପୁର,୩।୪(ଅଶୋକ କୁମାର ସାହୁ)

ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲ ଠାରେ ଚାଲିଥିବା ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଯୋଗ ଶିବିରରେ ଶେଷ ହୋଇଛି। ଶିବିରରେ ଭାଜପା ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗ ଦର୍ଶନ କରିଥିଲେ । ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାରୁ ବଡ଼ କୌଣସି ରାଜନୈତିକ ଲକ୍ଷ୍ୟ ନାହ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ କହିଥିଲେ । ଅନୁଶାସନ, ସମର୍ପଣ ଓ ସେବା ମନୋଭାବକୁ ନେଇ କାର୍ଯ୍ୟକର୍ତ୍ତା ମାନେ ଏହି ପ୍ରଶିକ୍ଷଣ ଶିବିରରୁ ପ୍ରଶିକ୍ଷିତ ହୋଇ ଦେଶ ସେବାରେ ନିୟୋଜିତ ହେବାକୁ ମନ୍ତ୍ରୀ ଜେନା କହିଥିଲେ । ରାଜ୍ୟ ଉପସଭାପତି ଅଶୋକ ମିଶ୍ର ଦେଶରେ ଚାଲିଥିବା ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ । ଆସନ୍ତା ୬ ତାରିଖରେ ଭାଜପାର ପ୍ରତିଷ୍ଠା ଦିବସକୁ ମଣ୍ଡଳ ସ୍ତରରୁ ବୁଥ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା ମାନେ ପାଳନ କରିବାକୁ କୁହାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ଜିଲା ଉପସଭାପତି ଗଙ୍ଗାଧର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ଖୋଲିଲା ନୂତନ ଟିକେଟ କାଉଣ୍ଟର

ବ୍ରହ୍ମପୁର, ୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ ପିଏମଏସଏସୱାଇ କୋଠାରେ ଖୋଲିଲା ନୂତନ ଟିକେଟ କାଉଣ୍ଟର ଖୋଲିଛି। ମେଡିକାଲ କର୍ତ୍ତୃପକ୍ଷ ତଥା ଭାରପ୍ରାପ୍ତ ଅଧୀକ୍ଷକ ସୁଚିତ୍ରା ଦାଶ ଶୁକ୍ରବାର ଏହାର ଶୁଭାରମ୍ଭ କରିଛନ୍ତି। ଏହି କୋଠାରେ ରହିଥିବା ବିଭିନ୍ନ ବିଭାଗକୁ ଆସୁଥିବା ରୋଗୀଙ୍କୁ ଟିକେଟ କାଟିବା ନେଇ ପୁରୁଣା ଓପି ଲମ୍ବାଧାଡି ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ ଏହି କାଉଣ୍ଟର ଖୋଲିବା ପରେ ଲୋକଙ୍କୁ ସେଠାରେ ଅପେକ୍ଷା କରିବାକୁ ପଡିବ ନାହିଁ। ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୁଇଟି ଟିକଟ କାଉଣ୍ଟର ଖୋଲାଯାଇଛି। ପୂର୍ବରୁ ଏହି କୋଠାରେ ରୋଗୀଙ୍କ ପାଇଁ ନିରାମୟ କେନ୍ଦ୍ର ଖୋଲାଯାଇଛି। ବିଭାଗରେ ରହିଥିବା ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ପ୍ଲାଷ୍ଟିକ ସର୍ଜରୀ, ସିଟିଭିଏସ ଓ କାର୍ ବିଭାଗର ରୋଗୀଙ୍କୁ ଅତ୍ୟନ୍ତ ମାତ୍ରାରେ ଉପକୃତ ହେବେ ବୋଲି କହିଛନ୍ତି ଏମକେସିଜି କର୍ତ୍ତୃପକ୍ଷ। ଆଜି ଏହି ଅବସରରେ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକୋତ୍ସବ

ପୋଲସରା,୩।୪(ସୁଶାନ୍ତ ମହାରଣା):

ସ୍ଥାନୀୟ ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକୋତ୍ସବ ଶୁକ୍ରବାର ସ୍ଥାନୀୟ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କଟକ କଣ୍ଟାପଡା ଓଏଭି ପ୍ରିନ୍ସପାଲ ଏସ.କେ.ମୟିମୁର ସୁଲତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କଟକ ନିଆଳି ଅକ୍ସଫୋର୍ଡ ଇଣ୍ଟରନ୍ୟାଶନାଲ ସ୍କୁଲ ଏକାଡେମିକ ଡାଇରେକ୍ଟର ଡ.ପି.ମହାନ୍ତି ଓ ସମ୍ମାନନୀୟ ଅତିଥି ଭାବେ ବ୍ରହ୍ମପୁର ବିଜ୍ଞାନ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ.ଏଲ.କାମେଶ୍ୱର ରାଓ ଯୋଗଦେଇଥିଲେ। ଓଏଭି ଅଧ୍ୟକ୍ଷ କହିଥିଲେ ଯେ, ପିଲାଙ୍କ ମାନସିକତାକୁ ମା'ବାପାବୁଝିବା ଦରକାର। ସେମାନଙ୍କ ଭିତରେ କେଉଁ ଜ୍ଞାନ କୌଶଳ ରହିଛି ତାକୁ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ।

## ଏମ୍‌କେସିଜି ମେଡିକାଲ ରେଡିଓଲୋଜି ବିଭାଗରେ ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡ଼ିକାଲରେ ରେଡ଼ିଓଲୋଜି ବିଭାଗରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ରୋଗୀ ହନ୍ତସନ୍ତ ହେଉଛନ୍ତି। ଏକ୍ସ-ରେ ପରୀକ୍ଷା ପାଇଁ ଶହ ଶହ ରୋଗୀ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ରହୁଥିବା ବେଳେ, କର୍ମଚାରୀ ତତ୍ପର ହେଉନାହାନ୍ତି । ଅନେକ କ୍ଷେତ୍ରରେ ରୋଗୀମାନଙ୍କ ଏକ୍ସ-ରେ ହୋଇ ନ ପାରି ନିରାଶ ହୋଇ ଫେରୁଛନ୍ତି । ମଧ୍ୟାହ୍ନ ଭୋଜନ ବିରତି ସମୟରେ ବିଭାଗର କାର୍ଯ୍ୟ ପ୍ରାୟ ଠପ ହୋଇଯାଉଛି। ନିର୍ଦ୍ଧାରିତ ୧.୩୦ ରୁ ୨.୩୦ ପରିବର୍ତ୍ତେ କର୍ମଚାରୀମାନେ ଦୁଇ ଘଣ୍ଟାରୁ ଅଧିକ ସମୟ ବିରତି ନେଉଥିବାରୁ ରୋଗୀମାନେ ଅଧିକ କଷ୍ଟ ପାଉଛନ୍ତି। ଦୂର ଅଞ୍ଚଳରୁ ଆସୁଥିବା ରୋଗୀମାନେ ଅତିରିକ୍ତ ଖର୍ଚ୍ଚ ସହ ଆଉ ଗୋଟିଏ ଦିନ ରହିବାକୁ ବାଧ ହେଉଛନ୍ତି । ଏହାସହିତ, କିଛି କର୍ମଚାରୀଙ୍କ ଅସଦ ବ୍ୟବହାର ଓ ଅନଭିଜ୍ଞ ନର୍ସମାନଙ୍କ ତରଫରୁ ସଠିକ ପରାମର୍ଶ ନ ମିଳିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ ମେଡ଼ିକାଲ ଅଧୀକ୍ଷକ ଡା. ଦୁର୍ଗା ପ୍ରସାଦ ଶତପଥୀଙ୍କ ନିୟନ୍ତ୍ରଣ ଓ ପରିଚାଳନା ଉପରେ ପ୍ରଶ୍ନ ଉଠୁଛି। ଏନେଇ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଓ ଆଇନଜୀବି ଅବନୀ ଗୟା କହିଛନ୍ତି ଯେ, ମଧ୍ୟାହ୍ନ ବିରତି ନାମରେ ରୋଗୀମାନଙ୍କୁ ଅସୁବିଧାରେ ପକାଇବା ଯୁକ୍ତିଯୁକ୍ତ ନୁହେଁ। ବିଭିନ୍ନ ବିଭାଗରେ ପାଳି କରି କାମ କରାଯିବାକୁ ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ କାର୍ଯ୍ୟ ସମୟ ସମସ୍ତ ବିଭାଗର ସୂଚନା ଫଳକରେ ସ୍ପଷ୍ଟ ଭାବେ ଦର୍ଶାଇବାକୁ ସେ ଦାବି କରିଛନ୍ତି।

## ଏମ୍‌କେସିଜିରେ ଅଗ୍ନି ନିର୍ବାପକ ଭିତ୍ତିଭୂମି ଦୁର୍ବଳ

### ମେଡିକାଲରେ ସମୀକ୍ଷା କଲେ ଅଗ୍ନିଶମ ଡିଜି



ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ସମୀକ୍ଷା କରୁଛନ୍ତି।

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ):

ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଗୁରୁବାର ଅପରାହ୍ନରେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ପହଞ୍ଚି ସେଠାର ଅଗ୍ନି ନିର୍ବାପକ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ଅଗ୍ନି ନିରାପତ୍ତା କେତେ ସୁରକ୍ଷିତ ସେ ନେଇ ଷଡ଼ଙ୍ଗୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମେଡିକାଲ ପରିସରରେ ରହିଥିବା ୨୨ଟି କୋଠାର ସ୍ଥିତି ସହ ଅଗ୍ନିସୁରକ୍ଷା ଦୃଷ୍ଟିକୋଣରୁ କର୍ତ୍ତୃପକ୍ଷଙ୍କ ସହ ଜନସାଧାରଣଙ୍କୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟର ଅଗ୍ନିଶମ ଓ ଜରୁରୀକାଳୀନ ସେବା ନିର୍ଦ୍ଦେଶାଳୟ (ଓଏଫଇସି)ଙ୍କ ଅଡିଟ ରିପୋର୍ଟ ଅନୁଯାୟୀ, ଏସ୍‌ସିବି ସମେତ ରାଜ୍ୟର ଅଧିକାଂଶ ସରକାରୀ ଓ ବେସରକାରୀ ହସ୍ପିଟାଲରେ ପୂର୍ଣ୍ଣାଙ୍ଗ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ପୁରୁଣା ଗୃହଗୁଡ଼ିକରେ ଆଧୁନିକ ଫାୟାର ଡିଟେକ୍ସନ ସିଷ୍ଟମ, ସ୍ପ୍ରିଙ୍କଲର୍, ଫାୟାର ଆଲାର୍ମ ଅଭାବ ଥିବାବେଳେ ନିୟମିତ ମକ୍‌ଡ୍ରିଲ ହେଉନି । ଏମ୍‌କେସିଜି ମେଡିକାଲ କଲେଜର ଅବସ୍ଥା ମଧ୍ୟ ସମାନ ବୋଲି ସୂଚନା ମିଳିଛି। ଏହି ମେଡିକାଲ କଲେଜର ଅଧିକାଂଶ ଭବନ ପୁରୁଣା ଶୈଳୀରେ ନିର୍ମାଣ ହୋଇଛି। ପୁରୁଣା ଭବନ ହେତୁ ଆଧୁନିକ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ପାଇବାରେ ଅସୁବିଧା ରହିଛି। ବଡ଼ କୋଠାଗୁଡିକ ପୁରୁଣା ହୋଇଥିବା କାରଣରୁ ଏହାର ଅଗ୍ନି ନିର୍ବପାକ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ରହିଛି। ଏହାର ଉନ୍ନତୀକରଣର ଆବଶ୍ୟକ ରହୁଥିବା ନେଇ ଷଡ଼ଙ୍ଗୀ କହିଛନ୍ତି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର୍ ଏ.ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଏସ୍‌ପି ଡା. ସର୍ବଣା ବିବେକ ଏମ୍., ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ଚିତ୍ର କୁମାର ପଣ୍ଡା, ଉପଅଗ୍ନିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ଏମ୍‌କେସିଜି ମେଡିକାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ ଓ ଏଏଫଓ ଠାକୁର ପ୍ରସାଦ ଦଳାଇଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏସ୍‌ସିବି ଟ୍ରମା କେୟାର ଅଘଟଣ ପରେ ପ୍ରଶାସନ ଆଲର୍ଟ ରହିଛି। କିନ୍ତୁ ଅଗ୍ନି ନିର୍ବାପକ ଭିତ୍ତିଭୂମିକୁ ସୁଦୃଢ଼ ସହ ଆବଶ୍ୟକୀୟ ଉପକରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରପାତି ଦରକାର ରହୁଥିଲେ ମଧ୍ୟ ବିଭିନ୍ନ ବିଭାଗର ସମନ୍ୱୟ ଅଭାବରୁ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। କିଛିବର୍ଷ ତଳେ ଏମ୍‌କେସିଜିର ବିଭିନ୍ନ ବିଭାଗରେ ଅଗ୍ନିକାଣ୍ଡ ଘଟିଥିବା ନଜିର ରହିଥିଲେ ମଧ୍ୟ ବିଭାଗ ଓ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି।


15001/4/2627



ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୬

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ୍ ନମ୍ବର - ୩ ସ୍ଥିତ
ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ୍ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗ୍ରାମ ନିକଟରେ ଜି.ଦୁର୍ଯ୍ୟୋ ରେଡ୍ଡୀଙ୍କ ଜମିରେ ଲାଗିଥିବା ଟମାଟ ଗଛଗୁଡ଼ିକୁ ଶୁକ୍ରବାର କିଛି ଛେଳି ପଶି ଖାଇଦେଇଥିଲେ। ଖବରପାଇ ଦୁର୍ଯ୍ୟୋ ଏବଂ ତାଙ୍କ ସ୍ତ୍ରୀ ପାରମା ଜମିକୁ ଆସି ସେଠାରେ ଛେଳି ଚରାଉଥିବା ଗୋକର୍ଣ୍ଣପୁର ଗ୍ରାମର ୨ଜଣ ଯୁବକଙ୍କୁ ଗାଳି ଦେଇ ତାଗିଦ୍ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ୨ ଯୁବକ ଦମ୍ପତିଙ୍କୁ ଠେଙ୍ଗାରେ ମାଡ଼ ମାରିଥିଲେ। ନିକଟରେ ଥିବା କେତେ ଜଣ ଚାଷୀ ଦୌଡ଼ି ଆସିଥିଲେ। ପରେ ଉଭୟଙ୍କୁ ଚିକିତ୍ସାପାଇଁ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଫେର ଦୁର୍ଯ୍ୟୋ ଦିଗପହଣ୍ଡି ଥାନାରେ ଏତଲା ଦେଇଥିବା କହିଛନ୍ତି।



## ସଂକ୍ଷେପରେ

### ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର

ଗଞ୍ଜାମ,୩।୪(ଅନାଥ ତରାଇ): ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ସୂର୍ଯ୍ୟନାରାୟଣପୁର ଓଡ଼ିଆର୍‌ପି କଲୋନୀରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମରଟି ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ଘରଠାରୁ ମାତ୍ର କିଛି ମିଟର ଦୂରରେ ରହିଥିବାରୁ ସେ ନିଜ ଘର ମରାମତି କାମ କରିବା ପାଇଁ ଅଜଣା ଭୟ ମଧ୍ୟରେ ରହୁଛନ୍ତି। ସାମାନ୍ୟ ଅସାବଧାନତା ହେଲେ ବଡ଼ ଧରଣର ଅଘଟଣକୁ ଏଡାଇ ଦିଆଯାଇ ନ ପାରେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନାହାନ୍ତି ବୋଲି ସୁଦର୍ଶନ କ୍ଷୋଭର ସହ କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଟ୍ରାନ୍ସଫର୍ମର ଚାରିପଟେ ତୁରନ୍ତ ଏକ ଗାର୍ଡ ୱାଲ ନିର୍ମାଣ କରିବା ସହ ଏହାକୁ ସୁରକ୍ଷିତ କରିବାକୁ ସେ ସ୍ଥାନୀୟ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀକୁ ଟେଲିଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ସେ ଫୋନ ଉଠାଇନଥିଲେ।

### ଘର ତାଲା ଭାଙ୍ଗି ସୁନାରୁପା ଅଳଙ୍କାର ଚୋରି

ଦିଗପହଣ୍ଡି,୩।୪(ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ୍ ପାଟପୁର ଜଗନ୍ନାଥ ମନ୍ଦିର ସାହିରେ ରହୁଥିବା ରାଜମିସ୍ତ୍ରୀ ପିଣ୍ଟୁ ସାହୁଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଅଲମାରିରେ ଥିବା ପ୍ରାୟ ୫ ଭରି ଓଜନର ସୁନା ଅଳଙ୍କାର, ପ୍ରାୟ ୪୦ ଭରି ଓଜନର ରୁପା ଅଳଙ୍କାର ଏବଂ ୮ ହଜାର ୬ ଶହ ଟଙ୍କା ଲୁଟି ନେଇଛନ୍ତି। ପିଣ୍ଟୁ ଗୁରୁବାର ଘରେ ତାଲା ପକାଇ ସ୍ତ୍ରୀ ପିଲା ଛୁଆଙ୍କୁ ନେଇ ଶ୍ୱଶୁର ଘର ଜିଉରା ଗାଁକୁ ଠାକୁରାଣୀ ଯାତ୍ରା ଦେଖିବାକୁ ଯାଇଥିଲେ। ଶୁକ୍ରବାର ସକାଳେ ଘରକୁ ଫେରି ଦେଖିବା ବେଳକୁ ତାଲା ଭଙ୍ଗାଯାଇଛି। ପରେ ଭିତରକୁ ଯାଇ ଆଲମିରାରେ ସୁନାରୁପା ଅଳଙ୍କାର ଓ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଏତଲା ଦେବାପରେ ପୋଲିସ ପହଞ୍ଚି ତଦନ୍ତ କରିବା ସହ ଘର ନିକଟରେ ଲାଗିଥିବା ସିସିଟିଭି ଯାଞ୍ଚ କରି ପଚରାଉଚୁରା କରି ଫେରିଥିବା ଜଣାପଡ଼ିଛି। ପିଣ୍ଟୁ ଘରେ ଅନୁପସ୍ଥିତ ରହିଥିବା ଦୁର୍ବୃତ୍ତମାନେ ଜାଣିଲେ କିପରି ତଦନ୍ତ ବେଳେ ପୋଲିସ ଏହାକୁ ପ୍ରାଥମିକତା ଦେଇଥିବା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

### ଛତ୍ରପୁର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଛତ୍ରପୁର,୩।୪(ଦିଲୀପ ସାମଲ):

ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲର ୪୭ତମ ବାର୍ଷିକ ଉତ୍ସବ 'ବର୍ଣ୍ଣିକା' ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏସ.ବି.ଆଇ. ଷ୍ଟାଫ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆସୋସିଏଶନ ସଭାପତି ତପନ ପାଲ ଉପସ୍ଥିତ ଥିଲେ। ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟି ସମ୍ପାଦକ ପ୍ରଫୁଲ୍ଲ ପଟ୍ଟନାୟକ, ଉପସଭାପତି ତଥା ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବିଦ୍ୟାଳୟ ପରିଚାଳନା କମିଟିସଦସ୍ୟ ପ୍ରଦୀପ ପାଢ଼ୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମମତା ପଣ୍ଡା ଯୋଗଦେଇ ଶିକ୍ଷା ଓ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ସ୍ମୃତିରେ ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦ୍ୱାରିକା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ।

### ବଜ୍ରପାତରେ ୪ ଗୋରୁ ମୃତ

ମୋହନା, ୩।୪( ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ବ୍ଲକରେ ଶୁକ୍ରବାର କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ବର୍ଷା ହେବା ସହ ବଜ୍ରପାତ ହୋଇଛି। ବଜ୍ରପାତରେ ୪ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଗୋରୁଗୁଡିକ ମଧ୍ୟରେ ମେରାପଲ୍ଲୀ ପଞ୍ଚାୟତ ବନ୍ଧାଗୁଡା ଗାଁର କେଶବ ମଲିକଙ୍କ ଦୁଇଟି ଗୋରୁ ଥିବା ବେଳେ ଭଗବାନ ମଲିକ ଓ ଶୁଶାନ୍ତ ମଲିକଙ୍କ ଗୋଟିଏ ଲେଖାଏ ଗୋରୁ ବଜ୍ରପାତରେ ମୃତ୍ୟୁ ହୋଇଛି। ଏହି ଗୋରୁ ମାଲିକମାନେ ଅତି ଗରିବ ଶ୍ରେଣୀର। ଗୋରୁଙ୍କ ଦ୍ୱାରା ଜମିଚାଷ କରି ପରିବାର ଚଳାଉଥିଲେ। ସରକାର ସେମାନଙ୍କୁ ଆର୍ଥିକ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ବୀରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ,ପ୍ରାକୃତିକ ଦୁର୍ବିପାକରେ ଏଭଳି ଘଟଣା ଘଟିଥିବାରୁ ବ୍ୟବଛେଦ ପରେ ନିୟମାନୁଯାୟୀ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ମିଳିବ।

# ଗୁଡ୍ରିଖୋଲ, ସିମିଝିରୀ ଗାଁରେ ପ୍ରଶାସନ ଦୃଷ୍ଟି ପଡୁନି

- ଗ୍ରାମକୁ ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ନାହିଁ
- ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ



ଫୁଲବାଣୀ, ୩।୪(ରାକେଶ କୁମାର ରାଉତ) ସରକାର ଏବେ ଡିଜିଟାଲ ଦୁନିଆକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ରଏବେ ମଧ୍ୟ ଏମିତି ଗାଁ ଅଛି ଯେଉଁଠି ରାସ୍ତା, ନେଟୱର୍କ, ପାନୀୟ ଜଳ ସୁବିଧା ଗ୍ରାମବାସୀଙ୍କୁ ମିଳୁନି। ନିଜ ମୌଳିକ ଅଧିକାରରୁ ବଞ୍ଚି ହୋଇ ରହିଛନ୍ତି ଲୋକେ। କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ ଅନ୍ତର୍ଗତ ଗୁଡ୍ରିଖୋଲ ଓ ସିମିଝିରି ଗ୍ରାମରେ ଏପରି ଦେଖିବାକୁ ମିଳିଛି।

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ସୁଦ୍ଧା ବିକାଶ ପହଞ୍ଚିପାରିନି ଏହି ୨ ଗ୍ରାମରେ। ଡିଣ୍ଡିରାଗାଁ ପଞ୍ଚାୟତର ଏହି ୨ ଗ୍ରାମରେ ପ୍ରାୟ ୩୦ ପରିବାର ବସବାସ କରନ୍ତି। ତେବେ ସେମାନଙ୍କ ସମ୍ପର୍କରେ ପ୍ରଶାସନ ପାଖରେ କିଛି ଖବର ନାହିଁ। ଫୁଲବାଣୀ ବ୍ଲକ ଏବଂ ଫିରିଙ୍ଗିଆ ବ୍ଲକର ସୀମାରେଖା ତଥା ଘଞ୍ଚ ଜଙ୍ଗଲ ଭିତରେ ଆମେ ବାସ କରୁଛୁ। ଆମ ଗ୍ରାମକୁ ଭଲ ରାସ୍ତା ନାହିଁ। ପାନୀୟଜଳ ଓ ବିଦ୍ୟୁତ୍ ସାତ ସପନ।ଗ୍ରାମର କେତେ ଜଣ ପରିବାରକୁ ୫ ବର୍ଷ ତଳେ ସୋଲାର ଲାଇଟ ମିଳିଥିଲା। ହେଲେ ସେ ଲାଇଟଗୁଡିକ ଅଚଳ ହୋଇପଡିଛି। ସେଗୁଡିକୁ ସଜାଡିବାକୁ ଯେତେ ଅନୁରୋଧ କଲେ ମଧ୍ୟ କେହିବି ଶୁଣୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭତ୍ତା ଓ ଚାଉଳ ପାଇଁ ପଂଚାୟତ ଯିବାକୁ ହେଲେ ସରୁକୋଇ ଘାଟି ଦେଇ ଜଙ୍ଗଲ ଭିତରେ ଦୀର୍ଘ ୬ କ.ମି. ଚାଲି ଯିବାକୁ ପଡୁଛି।

ସେହିପରି ଫୁଲବାଣୀ ବ୍ଲକରୁ ବିଶିପଡ଼ା ଦେଇ ଡିଣ୍ଡିରାଗାଁ ପଞ୍ଚାୟତ କିମ୍ବା ଫିରିଙ୍ଗିଆ ବ୍ଲକକୁ ଯିବାକୁ ହେଲେ ୧୫ କି.ମି. ବୁଲି ଯିବାକୁ ପଡୁଛି। ଗମନାଗମନ ପାଇଁ ରାସ୍ତାଘାଟର ସୁବିଧା ନାହିଁ। ନେଟୱର୍କ ସମସ୍ୟା ରହିଥିବାରୁ ଜରୁରୀ ସମୟରେ ଯୋଗାଯୋଗ ହୋଇପାରେ ନାହିଁ। ଫଳରେ ଗୁରୁତର ରୋଗୀ ଓ ଗର୍ଭବତୀ ଜୀବନମରଣ ସହ ସଂଗ୍ରାମ କରନ୍ତି। ବୋଲି କହନ୍ତି ନାଏବ ସରପଞ୍ଚ ରାମଚନ୍ଦ୍ର କହଁର, ଗୁଡ୍ରିଖୋଲର ବାବୁଲା ମଲ୍ଲିକଓ ଅନ୍ୟମାନେ। ସେହିପରି ଏହି ଦୁଇ ଗ୍ରାମରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଲୋକେ ଡିବିରି ଆଲୁଅ, ଟର୍ଚ୍ଚ ଲାଇଟରେ ଚଳୁଛନ୍ତି। ଆଲୁଅ ଅଭାବରୁ ଛାତ୍ରୀଛାତ୍ର ପାଠ ପଢି ପାରୁନାହାନ୍ତି। ବିଦ୍ୟୁତ୍ ସଂଯୋଗ ପାଇଁ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଫିରିଙ୍ଗିଆ ବିଡିଓ ଓ ବିଦ୍ୟୁତ୍ କାର୍ଯ୍ୟାଳୟରେ ଲିଖିତ ଭାବେ ଅନେକ ଥର ଜଣାଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଅଧିକାରୀ ଜୟଦେବ ସାହୁଙ୍କୁ ପଚରିବାରୁ କହିଲେ, ସେ ଗାଁରେ କରେଣ୍ଟ ଆପ୍ରୁଭାଲ ଲିଷ୍ଟ ନାହିଁ। ଆଗରୁ ଗ୍ରାମବାସୀଙ୍କୁ ସୋଲାର ଲାଇଟ ପ୍ରଦାନ କରାଯାଇଛି। ଯଦି ସରକାର ବିଦ୍ୟୁତ୍ ସଂଯୋଗ ପାଇଁ ଆପ୍ରୁଭାଲ ଲିଷ୍ଟ ଦେବେ ତା' ହେଲେ ଟେଣ୍ଡର କରି କାର୍ଯ୍ୟ ଆରମ୍ଭ କରିବୁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀଙ୍କୁ ପଚାରିବାରୁ ସେ କହିଲେ, ଜିଲାପାଳଙ୍କ ଅଧ୍ୟକ୍ଷତାରେ ପିଏମଜିଏସୱାଇରେ ବହୁ ରାସ୍ତା ଅନୁମୋଦନ ହୋଇଛି। ସେ ଗାଁ ଥାଇପାରେ। ମୁଁ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ବିଡ଼ିଓଙ୍କୁ ସେହି ଗ୍ରାମକୁ ଯାଇ ସବୁ ସମସ୍ୟା ଉପରେ ରିପୋର୍ଟ କରିବାକୁ କହିବି ବୋଲି ନନ୍ଦୀ କହିଛନ୍ତି।

# ହୃଦ୍‌ଘାତରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର,୩।୪(ଉମା ଚରଣ ନେପାକ): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ କୋଳିହଳା ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ କୋଏମ୍ବାଟୁରରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ ବାସୁଦେବ ବେହେରା(୪୫)। ବାସୁଦେବ ଗତ ୫ ବର୍ଷ ହେଲା ସ୍ତ୍ରୀ ଓ ୨ ପିଲାଙ୍କୁ ଧରି କୋଏମ୍ବାଟୁରରେ ରହୁଥିଲେ। ସ୍ୱାମୀ, ସ୍ତ୍ରୀ ସେଠାର ଏକ ସୂତାକଳରେ କାମ କରୁଥିଲେ। ଗୁରୁବାର ରାତିରେ କାମରୁ ଫେରି ଗ୍ୟାସ ନ ଥିବାରୁ କାଠ ଚୁଲିରେ ରୋଷେଇ କରି ଖାଇପିଇ ପିଲାଙ୍କ ସହ ଶୋଇଥିଲେ। ସକାଳେ ଉଠିବା ପାଇଁ ସ୍ତ୍ରୀ ବାରମ୍ବାର ଡାକିଥିଲେ ମଧ୍ୟ ବାସୁଦେବ ଆଉ ଉଠି ନ ଥିଲେ। ପରିବାର ପକ୍ଷରୁ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ବାସୁଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆସୁଥିବା ଜଣାପଡିଛି। ସୂଚନାଯୋଗ୍ୟ, ପୁଅର ଦଶମ ବୋର୍ଡ ପରୀକ୍ଷା ପାଇଁ ବାସୁଦେବ ପୁଅ ସହ ଗ୍ରାମକୁ ଆସିଥିଲେ। ପରୀକ୍ଷା ସରିବା ପରେ ବାପାପୁଅ କେଏମ୍ବାଟୁର ଯାଇଥିଲେ।

# ଶପଥ ନେଲେ ବାର୍ ଆସୋସିଏଶନ ନୂଆ କର୍ମକର୍ତ୍ତା



ନବନିର୍ବାଚିତ କର୍ମକର୍ତ୍ତା ଶପଥ ନେଉଛନ୍ତି।

ଭଞ୍ଜନଗର,୩।୪(ବାବୁଲା ପ୍ରଧାନ): ଭଞ୍ଜନଗର ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଶୁକ୍ରବାର ଶପଥ ନେଇଛନ୍ତି। ନିର୍ବାଚନ ଅଧିକାରୀ ଲଡ୍ଡୁ କିଶୋର ଅଲତିଆ ନୂଆ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାଙ୍କୁ ତ୍ରିନାଥ ମଲିକ ସହଯୋଗ କରିଥିଲେ। ବାର୍ ଆସୋସିଏଶନ ସଭାପତି ସନ୍ତୋଷ କୁମାର ନାୟକ, ଉପ ସଭାପତି ରଜତ କୁମାର ଦାସ, ସମ୍ପାଦକ ଧୀରେନ କୁମାର ସ୍ୱାଇଁ, ସହ ସମ୍ପାଦିକା ସ୍ନିଗ୍ଧା ରାଣୀ ଦାସ, କୋଷାଧକ୍ଷ ମଧୁସୂଦନ ପଣ୍ଡା,କାର୍ଯ୍ୟକାରୀ କମିଟି ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ତ୍ରିପାଠୀ, ସଭ୍ୟ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସନ୍ତୋଷ କୁମାର ତିଆଡ଼ି ଓ ଜ୍ୟୋତି ରଞ୍ଜନ ପ୍ରଧାନ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ସଭାପତି ନାୟକ ବାର୍ ଆସୋସିଏଶନକୁ ଆଗକୁ ନେବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଆମ୍ବୁଲାନ୍ସ ଆସିବାରେ ବିଳମ୍ବରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

## ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଅପହଞ୍ଚ

ଦାରିଙ୍ଗବାଡି,୩।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ସରାମୁଳି ପଞ୍ଚାୟତର ସିଞ୍ଜାକୁଟି ଗ୍ରାମକୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁ ଗୁରୁବାର ଅପରାହ୍ନରେ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ହେମଲୀ ପାଟମାଝୀ (୨୨)। ଏହା ତାଙ୍କର ପ୍ରଥମ ଗର୍ଭ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ହେମଲୀ ୭ ମାସର ଗର୍ଭବତୀ ଥିଲେ। ସେ ଗୁରୁବାର ହଟାତ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଡକାଇଥିଲେ। ତେବେ ଗାଁକୁ ଭଲ ରାସ୍ତାଟିଏ ନ ଥିବାରୁ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ସେଠାରୁ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।



ହେମଲୀ ପାଟମାଝୀଙ୍କ ଫାଇଲ୍ ଫଟୋ।

ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତର ଅନ୍ୟତ୍ର ପଠାଇଥିଲେ। ପରିବାର ଲୋକ ଜନନୀ ଆମ୍ବୁଲାନ୍ସ ଡକାଇ ବ୍ରହ୍ମପୁର ଅଭିମୁଖେ ନେବା ବେଳେ ହେମଲୀ ଆହୁରି ଗୁରୁତର ହୋଇପଡ଼ିଥିଲେ। ତେଣୁ ତାଙ୍କୁ ଗଜପତି ଜିଲା ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ପରିବାର ଲୋକ କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି ଯେ, ତାଙ୍କର ରକ୍ତଚାପ ବୃଦ୍ଧି ସହ ଫିଟସ୍ ମାରିଥିଲା। ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ଯିବାକୁ ପରାମର୍ଶ ଦିଆଯାଇଥିଲା। ସେ ସିଡିପିଓଙ୍କ ସହ ମିଳିତ ଭାବେ ତଦନ୍ତ କରିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଇନଚାର୍ଜ କହିଛନ୍ତି।

# ଆସିକାରେ ସ୍ୱଗଣନା କାର୍ଯ୍ୟକ୍ରମ

ଆସିକା,୩।୪(ସୁରେନ୍ଦ୍ର ନାଥ ସାହୁ): ଦେଶରେ ପ୍ରଥମ ପର୍ଯ୍ୟାୟ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁରୁବାର ଆସିକା ତହସିଲରେ ସ୍ୱଗଣନା କାର୍ଯ୍ୟକ୍ରମ ହୋଇଛି। ତହସିଲଦାର ସଙ୍ଗୀତା ସେନ, ଅତିରିକ୍ତ ତହସିଲଦାର ଅମରେଶ ସାବତଙ୍କ ଦ୍ୱାରା ତହସିଲ କାର୍ଯ୍ୟାଳୟରେ ଆସିକା ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କ ନିଜସ୍ୱ ତଥ୍ୟ ମୋବାଇଲ ଆପରେ ପଞ୍ଜୀକରଣ କରିଥିଲେ। ପରେ ସ୍ୱୟଂ ସହାୟକ ଗୋଷ୍ଠୀ, ଶିଶୁ ବିକାଶ ବିଭାଗ, ପଞ୍ଚାୟତିରାଜ ବିଭାଗ, ଆଇନଜୀବୀ ଓ ଯୁବକ ସଂଘଗୁଡ଼ିକୁ ତହସିଲ ଟିମ ଯାଇ ନିଜ ମୋବାଇଲରୁ ନିଜେ ଜନଗଣନା ଲାଗି ତଥ୍ୟକୁ ପୂରଣ କରିବା ଉପରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ର ଅଧିକାରୀ ସୁନିଲ ମହାରଣା, ପରିଦର୍ଶକ ସୁଶାନ୍ତ ଗୌଡ, ଧୀରେନ ପଣ୍ଡା, ଆଶୁତେଷ ମହାରଣା, ବିଷ୍ଣୁପ୍ରିୟା ରାଉତଓ ଅନ୍ୟମାନେ ସାମିଲ ଥିଲେ।

# ନୂତନ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ଖଜୁରିପଡ଼ା,୩।୪ (ବିଦୁର ବେହେରା) କନ୍ଧମାଳ ଜିଲା ଯୋଜନା ବୋର୍ଡର ନୂତନ ଅଧ୍ୟକ୍ଷ ତଥା ଫୁଲବାଣୀ ବିଧାୟକ ଉମା ଚରଣ ମଲିକଙ୍କୁ ଶୁକ୍ରବାର ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱରରୁ କନ୍ଧମାଳ ପ୍ରତ୍ୟାବର୍ତ୍ତନ ସମୟରେ ଖଜୁରିପଡ଼ାଠାରେ ଶତାଧିକ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଭାଜପା ମଣ୍ଡଳ ସଭାପତି ରଞ୍ଜନ କହଁର ଏବଂ ବଲସକୁମ୍ପା ମଣ୍ଡଳ ସଭାପତି ଶ୍ରୀନିବାସ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଫୁଲମାଳ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପରେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଛକରୁ ବଜାର ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ଉପ ସଭାପତି ମନୋଜ ପଣ୍ଡା, ଜିଲା ପରିଷଦ ସଦସ୍ୟା ଉର୍ବଶୀ ଦିଗାଲ, ଖଜୁରିପଡ଼ା ବ୍ଲକ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ସାଧାରଣ ସମ୍ପାଦକ ଦଶରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ଫୁଲବାଣୀ ପର୍ଯ୍ୟନ୍ତ ଏକ ବିଶାଳ ମୋଟରସାଇକେଲ ରାଲି ବାହାରିଥିଲା।

# ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ପୋଷାକ ପରିଧାନ

ପାରଳାଖେମୁଣ୍ଡି, ୩।୪(ଗିରିଧାରୀ ପରିଚ୍ଛା)



ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ ଗଜପତି ଜିଲାରେ ମଧ୍ୟ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗିତା ରଇତ, ସହକାରୀ ଜିଲାପାଳ ଜଗନ୍ନାଥ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ହସ୍ତତନ୍ତ୍ର ପୋଷାକ ପରିଧାନ କରିଥିଲେ। ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ। ଓଡ଼ିଶା ହସ୍ତତନ୍ତ୍ରର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ରହିଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଆମେ ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧି ଅଭ୍ୟାସରେ ପରିଣତ କରିବା ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶରେ ଓଡ଼ିଶା ଦିବସ ୧ ଏପ୍ରିଲଠାରୁ ମହାବିଷୁବ ସଂକ୍ରାନ୍ତି ଏପ୍ରିଲ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି।

# ଠିକ ସମୟରେ ଖୋଲୁନି ଡାକଘର

ଚକାପାଦ,୩।୪ (ପ୍ରତାପ କିଶୋର ବେହେରା): ଚକାପାଦ ବ୍ଲକର ଲାୟନପଡ଼ା ଠାରେ ଗୋଟିଏ ଉପ ଡାକଘର ରହିଛି। ଡାକଘର ଠିକ୍ ସମୟରେ ଖୋଲୁ ନ ଥିବାରୁ କୁସୁମେଣ୍ଡି ଓ ବପଲମେଣ୍ଡି (ଲା) ୨ଟି ପଞ୍ଚାୟତର ଲୋକେ ସଞ୍ଚୟ ଖାତା ସହିତ ଡାକ ବିଭାଗର ବିଭିନ୍ନ ସେବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ଜଣେ ମହିଳା ସବ୍‌ପୋଷ୍ଟ ମାଷ୍ଟର ସହିତ ଅନ୍ୟ କର୍ମଚାରୀ ଅଛନ୍ତି। ମାତ୍ର ଡାକଘର ୧୦ଟାରୁ ୪ଟା ପର୍ଯ୍ୟନ୍ତ ଖୋଲିବା ବଦଳରେ ସାଢେ ୧୧ଟାରେ ଖୋଲି କେବେ ଗୋଟାଏ କିମ୍ବା ୨ଟା ପୂର୍ବରୁ ବନ୍ଦ କରି କର୍ମଚାରୀ ଚାଲିଯାଉଛନ୍ତି। ଗୁରୁବାର କେତେ ଜଣ ଗ୍ରାହକ ୧୦ଟାରୁ ଆସି ସାଢେ ୧୧ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। କିଛି ସମୟ ପରେ ପ୍ୟାକର ଦାୟିତ୍ୱରେ ଥିବା ପ୍ରାର୍ଥନା ପ୍ରଧାନ ପହଞ୍ଚିଥିଲେ। ସବ ପୋଷ୍ଟମାଷ୍ଟର ସସ୍ମିତା ପ୍ରଧାନଙ୍କୁ ଫୋନ କରିଥିଲେ। କିନ୍ତୁ ସେ ହଁ ମୁଁ ଯିବି ଆଜି ଛୁଟି ଦିନ ଦେଣନେଣ କିଛି ହେବନାହିଁ ବୋଲି ମନା କରିଥିଲେ। ଏନେଇ ଜିଲା ସୁପରିଟେଣ୍ଡେଣ୍ଟ ଆର୍‌କେ ମହାରଣାଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଶକ୍ତି ସୁରକ୍ଷା କର୍ମଶାଳା

ଆସିକା,୩।୪(ସୁରେନ୍ଦ୍ର ନାଥ ସାହୁ): ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଗୁରୁବାର ରାଷ୍ଟ୍ରୀୟ ପରମାଣୁଶକ୍ତି ବିଭାଗ ପକ୍ଷରୁ ଶକ୍ତି ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ଡ. ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି, ଡିଏଇ ମୁମ୍ବାଇର ନିର୍ଦ୍ଦେଶକ ଅଞ୍ଜଳେଶ୍ୱର ସିଂ ମୁଖ୍ୟବକ୍ତା, ଛତ୍ରପୁର ବିରଳ ମୃତ୍ତିକା ସଂସ୍ଥାନର ମୁଖ୍ୟ ସାଧାରଣ ପରିଚାଳକ ସି.ବି.ଆର. ମୂର୍ତ୍ତି, ଆଇଓପି ଡାଇରେକ୍ଟର ପ୍ରଫେସର କରୁଣାର ନନ୍ଦ, ହାଇଦ୍ରାବାଦ ନ୍ୟୁକ୍ଲିୟର ଫୁଏଲ କମ୍ପ୍ଲେକ୍ସର ସହକାରୀ ନିର୍ଦ୍ଦେଶକ କୁନ ତ୍ରିପାଠୀ, ହେବି ୱାଟର ବୋର୍ଡର ଉପ-ନିର୍ଦ୍ଦେଶକ ଭାସ୍କରାନନ୍ଦ ଝା, ବିଦ୍ୟାଶ୍ରୀ ଭଗବାନ ବେହେରା, ଶିବଶଙ୍କର ଗୌଡ, ନାଇଜରର ପ୍ରଶାସନିକ ଅଧିକାରୀ ଦିନେଶ ବାହାଦୁର ସିଂ ଓ ସୁରତ ଚୌଧୁରୀ ପ୍ରମୁଖ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୨୦୪୭ରେ ଦେଶକୁ ଆତ୍ମନିର୍ଭର ଭାରତ ଓ ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ପରମାଣୁ ଶକ୍ତିର ଉପଯୁକ୍ତ ବିନିଯୋଗ ପୂର୍ବକ ଶକ୍ତି ସୁରକ୍ଷା ସହ ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଅତ୍ୟାଧୁନିକ ଉଦ୍ୟୋଗର ବିକାଶ କ୍ଷେତ୍ରରେ ଏହାର ଉପଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦେଶର ଯୁବବର୍ଗଙ୍କ ନିକଟରେ ଏହାକୁ ପହଞ୍ଚାଇ ବିଜ୍ଞାନକୁ ଅଧିକ ଲୋକପ୍ରିୟ କରିବା ଦିଗରେ ପରମାଣୁ ଶକ୍ତି ବିଭାଗ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ଗୋପୀନାଥ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା

ଧରାକୋଟ,୩।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବଳରାମପୁର ଗ୍ରାମରେ ଚାଲିଥିବା ଶ୍ରୀଗୋପୀନାଥ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସରିଛି। ଗତ ଶନିବାର ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ ପରେ ରବିବାର ଜଳଯାତ୍ରା, ମଣ୍ଡଳ କରଣ, ସୋମବାର ଠାରୁ କର୍ମ ଆରମ୍ଭ ସୂର୍ଯ୍ୟପୂଜା, ଶାଳା ସଂସ୍କାର, ଅଗ୍ନି ସ୍ଥାପନା, ଘୃତଯଜ୍ଞ, ବନଜାଗ, ରତ୍ନମୁଦ ପରେ ଗୁରୁବାର ସଟକର୍ମ, ଜୀବନ୍ୟାସ, ଦେବତା ପ୍ରାଣ ପ୍ରତିଷ୍ଠା ହୋଇଥିଲା। ଶୁକ୍ରବାର ନଗର ପରିକ୍ରମା, ଶିଳା ସ୍ଥାପନ, ଧ୍ୱଜା ପରିକ୍ରମା ପରେ ଦେବତାଙ୍କ ସିଂହାସନ ଆରୋହଣ ପରେ ପୂର୍ଣ୍ଣାହୁତି ହୋଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ଭତ୍ତା ବଣ୍ଟନ ମେଳାକୁ ଆସିଲେନି ବ୍ଲକ ଅଧ୍ୟକ୍ଷ

ଚିକିଟି,୩।୪(ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ବ୍ଲକ ଅଧୀନ ୧୭ ପଞ୍ଚାୟତର ମୋଟ ୨୭୦ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୟଦେବ ଚୌଧୁରୀଙ୍କ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ତେବେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ଆପନା ସେଠୀଙ୍କ ସମେତ ଅର୍ଦ୍ଧାଧିକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ବର୍ଜନ କରିଥିବା ଜଣାପଡିଛି। ପୂର୍ବରୁ ଏନେଇ କୌଣସି ସୂଚନା ଦିଆଯାଇ ନ ଥିଲା। ବ୍ଲକ ପ୍ରଶାସନ ତରବରିଆ ଭାବେ କାର୍ଯ୍ୟକ୍ରମ କରୁଥିବାରୁ ବ୍ଲକ ଅଧ୍ୟକ୍ଷ ସେଠୀ ଏହାକୁ ବନ୍ଦ କରିବା ପାଇଁ ବିଡ଼ିଓଙ୍କୁ ଚିଠି ଦେଇଥିଲେ। ବିଡିଓ ଏହାକୁ ଗୁରୁତ୍ୱ ଦେଇନାହାନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପୂର୍ବରୁ ସୂଚନା ନଦେଇ ଗୁରୁବାର ଅପରାହ୍ନରେ ବିଡ଼ିଓ ଚିଠି ମାଧ୍ୟମରେ ଭତ୍ତା ବଣ୍ଟନ ମେଳା ସମ୍ପର୍କରେ ଜଣାଇଥିଲେ। ଏହାକୁ ଅନ୍ୟ ଏକ ଦିନରେ କରିବା ପାଇଁ ସେ ଲିଖିତ ଭାବେ ବିଡ଼ିଓଙ୍କୁ ଜଣାଇଥିଲେ। ବିଡ଼ିଓ ମଧ୍ୟ ସମସ୍ତ କର୍ମଚାରୀଙ୍କୁ ଶୁକ୍ରବାର ଭତ୍ତା ବଣ୍ଟନ ମେଳା ହେବନି ବୋଲି ଥିଲେ। କିନ୍ତୁ ବିଧାୟକ ରାଜନୈତିକ ଆକ୍ରୋଶ ରଖି ବିଡିଓଙ୍କ ଉପରେ ଚାପ ପକାଇ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ କରିଥିବା ବ୍ଲକ ଅଧ୍ୟକ୍ଷ କହିଛନ୍ତି। ଅନ୍ୟପକ୍ଷରେ ବିଡ଼ିଓ ମିଶ୍ର କହିଛନ୍ତି, ବ୍ଲକ ଅଧ୍ୟକ୍ଷଙ୍କ ଚିଠି ଅନୁଯାୟୀ ସମସ୍ତ କର୍ମଚାରୀଙ୍କୁ ଭତ୍ତା ବଣ୍ଟନ ମେଳାକୁ ବନ୍ଦ ପାଇଁ ଜଣା ଦିଆ ଯାଇଥିଲା। କିନ୍ତୁ ଚିଠି ବିଳମ୍ବ ହେବା ଯୋଗୁ ସବୁ ପଞ୍ଚାୟତର ଜନ ପ୍ରତିନିଧିମାନଙ୍କୁ ଜଣାଇବା ସମ୍ଭବ ହୋଇପାରି ଥିଲା। ଶୁକ୍ରବାର ସକାଳେ ବହୁ ହିତାଧିକାରୀ ବ୍ଲକକୁ ଆସିଥିବାରୁ ବାଧ ହୋଇ ଭତ୍ତା ବଣ୍ଟନ କରାଗଲା ବୋଲି ବିଡିଓ କହିଛନ୍ତି।

# ବିଞ୍ଝଣାରେ ପଞ୍ଚଶମ୍ଭୁ ମହାମିଳନ

ବେଲଗୁଣ୍ଠା,୩।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ବିଞ୍ଝଣା ଗ୍ରାମରେ ଶୁକ୍ରବାର ପଞ୍ଚଶମ୍ଭୁ ଏବଂ ପଞ୍ଚ କାଳୀଙ୍କ ମହାମିଳନ ଅନୁଷ୍ଠିତ ହୋଇଛି। ଏଥିରେ ଗୋବରା, ଡେଙ୍ଗାପଦର, ବେଲଗୁଣ୍ଠା-୧, ବେଲଗୁଣ୍ଠା-୨ ଏବଂ ଗାମୁଣ୍ଡି ଗ୍ରାମର ଦଣ୍ଡଦଳ ଅଂଶଗ୍ରହଣ କରିଥିଲେ। ପୂର୍ବପ୍ରସ୍ତୁତି ଅନୁସାରେ ସକାଳେ ସଂକୀର୍ତ୍ତନ ମଣ୍ଡଳୀ, ଯାତ୍ରା କମିଟି ଏବଂ ଗ୍ରାମର ଗ୍ରାମବାସୀ ସମସ୍ତ ୫ଟି ଦଣ୍ଡ ଦଳକୁ ଫୁଲଚନ୍ଦନ ଦେଇ ବରଣ କରିଥିଲେ। ଦଣ୍ଡଦଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମ ସ୍ଥଳରେ ଠାକୁରଙ୍କର ସକାଳ ନୀତିକାନ୍ତି ଶେଷ କରିବା ପରେ ବିଷୋୟୀ ସାହି, ଧୋବା ସାହି, ମନ୍ଦିର ପାଖ ଏବଂ ମନ୍ଦିର ସାମ୍ନାରେ ଧୂଳି ଦଣ୍ଡ ପରିବେଷଣ କରିଥିଲେ। ଅପରାହ୍ନରେ ମା' ସନ୍ତୋଷୀ ମନ୍ଦିର ନିକଟରେ ଥିବା ପୋଖରୀରେ ପାଣିଦଣ୍ଡ ନୀତି ସମ୍ପନ୍ନ କରିଥିଲେ। ପୋଖରୀରୁ ଫେରିବା ପରେ ପଞ୍ଚ ଶମ୍ଭୁ ମହାମିଳନ ପାଇଁ ଉଦ୍ଦିଷ୍ଟ ସ୍ଥାନ ସରସ୍ୱତୀ ମଡ଼େଲ୍ ସ୍କୁଲ୍ ପରିସରରେ ସମସ୍ତ ଦଣ୍ଡ ଦଳ ପହଞ୍ଚି ପଞ୍ଚ ଶମ୍ଭୁ ଏବଂ ପଞ୍ଚ କାଳୀଙ୍କ ମହା ମିଳନ ହୋଇଥିଲା।

# ଗୁଡ୍ ଫ୍ରାଇଡେ: ଚର୍ଚ୍ଚରେ ପ୍ରାର୍ଥନା ଉପାସନା

ଜି.ଉଦୟଗିରି/ଦାରିଙ୍ଗବାଡି,୩।୪(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠୀ/ଅରୁଣ ସାହୁ): ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବିରୋଧରେ ରାଜଦ୍ରୋହର ମିଥ୍ୟା ଅଭିଯୋଗ ଆଣି ତାଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା। ଶାରିରୀକ ମୃତ୍ୟୁ ପୂର୍ବରୁ ଯୀଶୁ କ୍ରୁଶବିଦ୍ଧ କରିଥିବା ଲୋକଙ୍କ ପାଇଁ ପରମେଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ସେ ସମସ୍ତଙ୍କ ପାପକ୍ଷମା ପାଇଁ ବଳିଦାନ ଦେଇ କ୍ରୁଶ ଉପରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେଦିନ ଥିଲା ଶୁକ୍ରବାର। ତେଣୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଶୁଭ ଶୁକ୍ରବାର ବା ଗୁଡ ଫ୍ରାଇଡେ ପାଳନ କରି ଆସୁଛନ୍ତି। କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ସମସ୍ତ ଚର୍ଚ୍ଚ, ପ୍ରାର୍ଥନା ଗୃହରେ ପବିତ୍ର ଗୁଡ ଫ୍ରାଇଡେ ପାଳନ ହୋଇଛି। ସ୍ଥାନୀୟ ନୂଆସାହି ବାପଟିଷ୍ଟ ଚର୍ଚ୍ଚ, ମାଲିକା ପଡ଼ି ମାତୃ ମଣ୍ଡଳୀ ବାପଟିଷ୍ଟ ଚର୍ଚ୍ଚ, କାନବଗିରି ଉତ୍ତର ଭାରତ ମଣ୍ଡଳୀ ଚର୍ଚ୍ଚ, ସୁକାନାଣ୍ଡା କ୍ୟାଥଲିକ୍ ଚର୍ଚ୍ଚ ଓ ଅନ୍ୟ ଛୋଟ ବଡ଼ ଚର୍ଚ୍ଚ, ପ୍ରାର୍ଥନା ଗୃହ



ଜି. ଉଦୟଗିରିର ଏକ ଚର୍ଚ୍ଚରେ ଉପସ୍ଥିତ ଖ୍ରୀଷ୍ଟଧର୍ମୀ।

ଗୁଡ଼ିକରେ ପ୍ରାର୍ଥନା ଉପାସନା ମଧ୍ୟରେ ଏହି ଶୁଭ ଦିନକୁ ପାଳନ କରାଯାଇଛି। ନୂଆସାହି ଚର୍ଚ୍ଚରେ ପାଳକ କ୍ଷମାଶୀଳ ବାଗ, ମାଲିକାପଡ଼ି ଚର୍ଚ୍ଚରେ ଆଚାର୍ଯ୍ୟ ସୁବୋଧ ପରିଚ୍ଛା କାର୍ଯକ୍ରମ ପରିଚାଳନା କରିଥିଲେ।

ସେହିପରି ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ଧୁମଧାମରେ ଗୁଡ୍ ଫ୍ରାଇଡେ ପାଳିତ ହୋଇଛି। ଉକ୍ତ ବ୍ଲକର ବ୍ରାହ୍ମଣୀଗାଁ ସମେତ ଗଦାପୁର, କାଟିଙ୍ଗିଆ, ତାଲୁଙ୍ଗିଆ, ସରାମୁଳି, ହାତୀମୁଣ୍ଡା, ସିମନବାଡ଼ି, ଦାରିଙ୍ଗବାଡି ଆଦି ଅଞ୍ଚଳରେ ପାଳନ କରାଯାଇଥିବା ବେଳେ ୪୦ଦିନ ଧରି ଚାଲିଥିବା ଉପାସନା ଶୁକ୍ରବାର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ଦାରିଙ୍ଗବାଡ଼ି କ୍ୟାଥିଲିକ ଚର୍ଚ୍ଚରେ ପବିତ୍ର ଭାବନା ସୃଷ୍ଟି ହୋଇଛି। ଦାରିଙ୍ଗବାଡି ପାରିସର ଧର୍ମ ଯାଜକ ଏଫ୍‌ଆର କରୁଣାକର ଦିଗାଲ ଏବଂ ରାଜୀବ ସିଂଙ୍କ ଦ୍ୱାରା ସାମୁହିକ ପ୍ରାର୍ଥନା କରିଥିଲେ। ସେହିପରି ଚର୍ଚ୍ଚରେ ଯୁବତୀଯୁବକଙ୍କ ଦ୍ୱାରା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଯାତନା ତଥା ତାଙ୍କ କାହାଣୀକୁ ଅଭିନୟ ମାଧ୍ୟମରେ ଦର୍ଶାଇଥିଲେ।

